# Akashvani, Sambalpur

## SAMBALPURI NEWS EVENING BULLETIN

**3 December 2025- 7.02 pm- 7.12 pm.**

***********************************************

୧- ଦିବ୍ୟାଙ୍ଗମାନେ ସାଧାରଣ ଲୁକ୍‌କର ବାଗିର୍ ସମାନ୍ ହକ୍‌ଦାର୍ ଆନ୍ କହେଲେ ରାଷ୍ଟ୍ରପତି ।

- ଓଡ଼ିଶା ଭିନ୍ନକ୍ଷମ ଆୟୋଗ୍‌କେ ମିଲ୍‌ଲା ରାଷ୍ଟ୍ରପତି ଜାତୀୟ ପୁରସ୍କାର ।

୨- ରାଜ୍ୟର୍ ଶିକ୍ଷାନୁଷ୍ଠାନ୍ ମାନ୍‌କର୍ ଦାବିର୍ ତର୍ଜମା କର୍‌ବାର୍‌କେ ଗଠନ୍ ହେବା ଉଚ୍ଚସ୍ତରୀୟ କମିଟି - କହେଲେ ମୁଖ୍ୟମନ୍ତ୍ରୀ ।

୩- ଧାନ୍ ବିକ୍‌ବାର୍‌କେ ୫ ଟା ଜିଲ୍ଲାର୍ ଚାଷୀଙ୍କୁ ପାଖାପାଖ୍ଁ ୩ ଲାଖ୍ ଟୋକନ୍ ଦିଆଯାଇଛେ- ବିଧାନ୍‌ସଭା ନ ସୂଚ୍‌ନା ଦେଲେ ଯୋଗାଣ ମନ୍ତ୍ରୀ ।

ଆଉର୍

୪- ଆଏବା ଫେବୃୟାରୀ ୧୮ ତାରିଖ୍‌ନୁ ମୁଲ୍ ହେବା ଯୁକ୍ତ ଦୁଇ ପରୀକ୍ଷା ।

ରାଷ୍ଟ୍ରପତି- ଦିବ୍ୟାଙ୍ଗ ପୁରସ୍କାର       ଏନ୍‌ଏସ୍‌ଡି/ ଏକ୍ସ

ଦିବ୍ୟାଙ୍ଗମାନେ ସମ୍ବେଦନଶୀଲ୍ କି ଦୟାର୍ ପାତ୍ର ନୁହନ୍, ସେମାନେ ଭିଲ୍ ସାଧାରଣ ଲୁକ୍‌କର ବାଗିର୍ ସମାନ୍ ହକ୍‌ଦାର୍ ଆନ୍ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ନୂଆଦିଲ୍ଲୀର୍ ବିଜ୍ଞାନ ଭବନ୍ ନ ଜାତୀୟ ଦିବ୍ୟାଙ୍ଗ ପୁରସ୍କାର ପ୍ରଦାନ୍ କରି କରି ରାଷ୍ଟ୍ରପତି କହିଛନ୍, ଭିନ୍ନକ୍ଷମମାନ୍‌କର ଅନ୍ତର୍ଭୁକ୍ତି ଉତ୍‌ରୁ ହିଁ ଗୁଟେ ସମାଜ୍‌କେ ଆମେ ପ୍ରକୃତ ଭାବେ ବିକଶିତ୍ ବଲି କହି ପାର୍‌ମା । ଭିନ୍ନକ୍ଷମାମାନ୍‌କର ଲାଗି ସରକାରଙ୍କର ସହେତେ ସମାଜ୍‌କେ ଭିଲ୍ ସଚେତନ ରହେବାର୍ ଜରୁରୀ ଆଏ । ସମାଜ ଆଉ ଦେଶର ବିକାଶ ଯାତ୍ରାଥି ଭିନ୍ନକ୍ଷମାନ୍‌କର ସମାନ୍ ଯୋଗଦାନ ସୁନିର୍ଶ୍ଚିତ୍ କର୍‌ବାର୍‌କେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆହ୍ୱାନ ଦେଇଛନ୍.....

(ଭଏସ୍-ରାଷ୍ଟ୍ରପତି)

ଭିନ୍ନକ୍ଷମମାନ୍‌କର କଲ୍ୟାଣ ଆଉ ସେମାନ୍‌କର୍ ସଶକ୍ତୀକରଣ କର୍‌ବାର୍ ଦିଗେ ପ୍ରଶଂସନୀୟ କାମ୍ କରିଥିବା ଦେଶର୍ ୩୦ ଝନ୍ ବ୍ୟକ୍ତି ଆଉ  ସଂସ୍ଥାକେ ଜାତୀୟ ପୁରସ୍କାର ଦିଆଯାଇଛେ । ଭିନ୍ନକ୍ଷମ ଅଧିକାର ଆଇନ-୨୦୧୬ର କାର୍ଯ୍ୟାନ୍ୱୟନ୍ ସହେତେ ଭିନ୍ନକ୍ଷମମାନ୍‌କର ଲାଗି ଗୁଟେ ଆଦର୍ଶ ଶାସନ ବ୍ୟବସ୍ଥା ଲାଗୁ କର୍‌ବାର୍ ଦିଗେ ଭଲ୍ କାମ୍

କରିଥିବାର୍‌ନୁ ଓଡ଼ିଶା ଭିନ୍ନକ୍ଷମ ଆୟୋଗ୍‌କେ ରାଷ୍ଟ୍ରପତି ଜାତୀୟ ପୁରସ୍କାର ପ୍ରଦାନ୍ କରିଛନ୍ ।

ମୁଖ୍ୟମନ୍ତ୍ରୀ-ଶିକ୍ଷକ୍, ଅଧ୍ୟାପକ ନିଯୁକ୍ତି     ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ରାଜ୍ୟର୍ ବିଦ୍ୟାଲୟ ଆଉ ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କେ ଶିକ୍ଷକ୍, ଅଧ୍ୟାପକ୍ ଆଉ କର୍ମଚାରୀ ଦାବି ପ୍ରସଙ୍ଗକେ ସର୍‌କାର୍ ଗମ୍ଭୀରତାର୍ ସହେତେ ନେଇଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଧାନ୍‌ସଭା ନ କହିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଇ ବାବଦ୍ ଦାବି ତର୍ଜମା ଲାଗି ଆଘର୍ ପ୍ରଶାସନିକ ଅଧିକାରୀ ଅଶୋକ୍ କୁମାର୍ ତ୍ରିପାଠୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ଉଚ୍ଚସ୍ତରୀୟ କମିଟି ଗଠନ୍ କର୍‌ବାର୍‌କେ ନିଷ୍ପତି ନିଆଯାଇଛେ । ଇ କମିଟି ୬ ମାସ୍ ଭିତ୍‌ରେ ସର୍‌କାର୍‌ଙ୍କୁ ରିପୋର୍ଟ ଦେବା । ତାର୍ ଉତ୍‌ରୁ ପଦକ୍ଷେପ୍ ନିଆଯିବା ବଲି ମୁଖ୍ୟମନ୍ତ୍ରୀ ଗୃହକେ ସୂଚ୍‌ନା ଦେଇଛନ୍ ।

ବିଧାନସଭା                    ଭୁବନେଶ୍ୱର ସମ୍ବାଦଦାତା

ସପ୍ତଦଶ ବିଧାନ ସଭାର ଶୀତ୍ ଅଧିବେଶନ୍‌ର ୬ ନମ୍ବର ଦିନେ ଆଏଜ୍ ଗୃହକାର୍ଯ୍ୟ ସ୍ୱାଭାବିକ୍ ଥିଲା । ଖାଦ୍ୟ ଯୋଗାଣ

ଆଉ ଖାଉଟି କଲ୍ୟାଣ, ଆଇନ, ଜଙ୍ଗଲ ଆଉ ପରିବେଶ, ମସ୍ୟ ଆଉ ପ୍ରାଣୀ ସମ୍ପଦ ବିଭାଗ୍ର ଭିନ୍ ଭିନ୍ ବିଷେ ଉପ୍ରେ ପ୍ରଶ୍ନକାଳ ସମିଆଥି ଆଲୋଚନା କରାଯାଇଥିଲା । ଶୂନ୍ୟକାଳ ସମିଆଥି ବିରୋଧି ସଦସ୍ୟମାନେ ମହାପୁରୁଷମାନ୍କୁ ଅଣଦେଖା କରାଯାଉଥିବା ପ୍ରସଙ୍ଗକେ ନେଇକରି ହୋହଲ୍ଲା କରିଥିଲେ । ଶାସକ ଦଳର ବିଧାୟକ ଇରାଶିଷ ଆଚାର୍ଯ୍ୟ ବିରୋଧିଙ୍କର ଅଭିଯୋଗ୍କେ ଖଣ୍ଡନ କରି କରି ଇ ଦିଗେ ରାଜ୍ୟ ସରକାରଙ୍କ ଭିନ୍ ଭିନ୍ ପଦକ୍ଷେପ ଆଉ ଯୋଜ୍ନା ବାବ୍ଦେ ଗୃହକେ ସୂଚ୍ନା ଦେଇଥିଲେ । ତାର୍ ଉତ୍ରୁ ଖରିଫ୍ ଧାନ ଘିନା ପ୍ରକ୍ରିୟାଥି ଅବ୍ୟବସ୍ଥା ଅଭିଯୋଗ୍ ଆନିକରି ବିରୋଧି ସଦସ୍ୟମାନେ ମୁଲତବୀ ପ୍ରସ୍ତାବ୍ ଆଗତ୍ କରିଥିଲେ । ବିଭାଗୀୟ ମନ୍ତ୍ରୀ ବିରୋଧିଙ୍କର ସବୁ ପ୍ରଶ୍ନ ଉତର ରଖିଥିଲେ । ବିରୋଧିମାନେ ବାରବାର୍ ହୋହଲ୍ଲା କର୍ବାର୍ନୁ ପହେଲା ଉପରବେଲା ୪ ବଜେତକ୍ ବାଚସ୍ପତୀ ଗୃହକେ ମୁଲତବୀ ଘୋଷଣା କରିଥିଲେ । ୪ ବଜେ ଗୃହକାର୍ଯ୍ୟ ମୁଲ୍ ହେଇକରି ଭିନ୍ ଭିନ୍ ବିଷେଥି ଆଲୋଚନା ଚାଲିଛେ ।

ବିଧାନ୍ସଭା- ଧାନ୍ଘିନା        ଭୁବ୍ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ବର୍ଗଡ଼୍, ବଲାଙ୍ଗିର୍, କଲାହାଣ୍ଡି, ନୂଆପଡ଼ା ଆଉ ସମ୍ବଲ୍ପୁର୍ ଜିଲ୍ଲା ନ ୨ ଲାଖ୍ ୯୪ ହଜାର୍ ୫ ଶହ ୬୯ ଝନ୍

ଚାଷୀଙ୍କୁ ଧାନ୍ ବିକ୍‌ବାର୍ ଲାଗି ଟୋକନ୍ ମିଲ୍‌ଲାନ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହ ନ କହିଛନ୍ । ବିରୋଧୀଙ୍କର୍ ଧାନ୍ ଘିନା ଅବ୍ୟବସ୍ଥା ଅଭିଯୋଗ୍‌ର ପ୍ରଶ୍ନ ମାନ୍‌କର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ଇ ବଛର୍ ଖରିଫ୍ ଧାନ୍ ଘିନା ପ୍ରକ୍ରିୟା ପଶ୍ଚିମ ଓଡ଼ିଶା ନ ମୁଲ୍ ହେଇଛେ । ଧାନ୍ ବିକ୍‌ବାର୍ ଲାଗି ମୋଟ୍ ୧୯ ଲାଖ୍ ୭୬ ହଜାର୍ ୮ ଶହ ୧୨ ଝନ୍ ଚାଷୀ ପଞ୍ଜିକୃତ୍ ହେଇଛନ୍ । ଆଏବା ଦିନେ ଶହେ ଟା ମୋଡ଼େଲ୍ ମଣ୍ଡି ଖୁଲ୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ଫି’ ଜିଲ୍ଲାର୍ ଲାଗି ଝନେ ମନ୍ତ୍ରୀଙ୍କୁ ମଣ୍ଡି ଦାୟିତ୍ୱ ଦିଆଯାଇଛେ । ଧାନ୍ ଘିନା ସମିଆଥି ସମନ୍ୱୟ ରଖିବାର୍ ଲାଗି ମନ୍ତ୍ରୀସ୍ତରୀୟ କମିଟି ଗଠନ୍ କରାଯିବାର୍ ସହେତେ ଫି’ ମଣ୍ଡି ନ ଝନେ ଲେଖା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛେ । ଅଧିକାରୀମାନେ ଜିଲ୍ଲାପାଲ୍‌ଙ୍କୁ ରିପୋର୍ଟ ଦେବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ବିଧାନ୍‌ସଭା- ରାସନ୍‌କାର୍ଡ଼ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ରାସନ୍‌କାର୍ଡ଼ ହିତାଧିକାରୀମାନ୍‌କର୍ ଇ-କେୱାଇସି ପ୍ରକ୍ରିୟା ଇ ମାସ ୩୧ ତାରିଖିତକ୍ ଚାଲ୍‌ବା ବଲି ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ । ସେ କହିଛନ୍, ଇ-କେୱାଇସି ଯାଂଚ୍ ସମିଆଥି ୬ ଲାଖ୍ ୮୩ ହଜାର୍ ୯

ଶହ ୯୫ ଜଣ୍ ମୃତ ବ୍ୟକ୍ତି ଚିହ୍ନଟ୍ ହେଇଛନ୍ । ସେନ୍ତା ୩୩ ହଜାର୍ ଶହେ ୨୮ ଟା ଅଯୋଗ୍ୟ ରାସନ୍‌କାର୍ଡ଼କେ ବାତିଲ୍ କରାଯାଇଛେ ବଲି ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା- ସାର        ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ସାର କଲାବଜାର୍ ଆଉ ବେଆଇନ୍ ବିକ୍ରି ରୁକ୍‌ବାର୍ ଲାଗି ଇ ବଛର୍ ଏନ୍‌ଫୋର୍ସମେଂଟ୍ ସ୍କ୍ୱାର୍ଡ଼ ଜରିଏ ୭ ହଜାର୍ ୧ ଟା ସାର ବିକ୍ରୟ କେନ୍ଦ୍ର ଉପ୍‌ରେ ଚଢ଼଼ଉ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ବିଧାନ୍‌ସଭା ନ କହିଛନ୍ । ଉପମୁଖ୍ୟମନ୍ତ୍ରୀ କହିଛନ୍ । ୨୦୨୧ ଜଣ୍ ନିୟମ୍ ଉଲ୍ଲଂଘନ୍‌କାରୀ ବିକ୍ରେତାଙ୍କୁ କାରଣ୍ ଦର୍ଶାଅ ନୋଟିସ୍ ସାଙ୍ଗେ ୩୫ ଟା ଦୁକାନ୍ ନ ବିକ୍ରି ବନ୍ଦ୍ କରାଯାଇଛେ । ସେନ୍ତା ୫ ଜଣ୍ ବିକ୍ରେତାଙ୍କର୍ ନାଁଥି ଅପରାଧୀକ୍ ମାମ୍‌ଲା ଆର୍ ୭୭ ଜଣ୍ ଡିଲର୍‌ଙ୍କର୍ ଲାଇସେନ୍ସ ବାତିଲ୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

ଯୁକ୍ତ ଦୁଇ ପରୀକ୍ଷା        ଏକ୍ସ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷା ଆଏବା ଫେବୃୟାରୀ ୧୮ ତାରିଖ୍‌ନୁ ହେବା । ଇ ବାବ୍‌ଦେ ପରିଷଦ୍ ଅଧ୍ୟକ୍ଷ ମୃଣାଳ କାନ୍ତୀ ଦାସ ଆଏଜ୍ ଘୋଷଣା କରିଛନ୍ । ଯୁକ୍ତ ଦୁଇ ପରୀକ୍ଷା ମାର୍ଚ୍ଚ ୨୧ ତାରିଖ୍ ତକ୍ ଚାଲ୍‌ବା । ଇଥର ରାଏଜେ ମୋଟ୍ ୪ ଲାଖ୍ ୭ ହଜାର ୩୭ ଝନ୍ ପରୀକ୍ଷାର୍ଥୀ ରାଜ୍ୟର ୧ ହଜାର ୩ ଶହ ୫୦ଟା କେନ୍ଦ୍ର ନ ପରୀକ୍ଷା ଦେବେ । ଆଏବା ୧୫ ତାରିଖ୍‌ତକ୍ ଛାତ୍ରଛାତ୍ରୀମାନ୍‌ଙ୍କୁ ଆଡ୍‌ମିଟ୍ କାର୍ଡ ଦିଆଯିବା । କଡ଼ା ସୁରକ୍ଷା ବ୍ୟବସ୍ଥା ଭିତ୍‌ରେ ପରୀକ୍ଷା ହେବା । ୨ ଶହ ୧୦ଟା ପ୍ରମୁଖ କେନ୍ଦ୍ର ଏଆଇ କେମ୍‌ରା ନଜର୍‌ଥି ରହେବା ବଲି ପରିଷଦ୍‌ର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ପରିଡ଼ା ସୂଚ୍‌ନା ଦେଇଛନ୍ ।

(ଭଏସ୍ ଓଭର୍-ପରୀକ୍ଷା ନିୟନ୍ତ୍ରକ)

ପୁରୀ ଶ୍ରୀମନ୍ଦିର-ବନକଲାଗି          ପୁରୀ ସମ୍ବାଦଦାତା

ପୁରୀ ଶ୍ରୀ ମନ୍ଦିର ନ ମଗ୍‌ଶିର୍ ମାସର୍ ଉଜଲ୍ ପଖର୍ ତ୍ରୟୋଦଶୀ ତିଥି ଅବ୍‌ସରେ ଆଏଜ୍ ମାହାପୁରୁମାନ୍‌କର ବନକଲାଗି ନୀତି ଚାଲିଛେ । ଦୁଇ ନମ୍ବର ଭୋଗ ଶେଷ୍ ହେବାର୍ ଉତ୍‌ରୁ ନୀତିକାନ୍ତି ମୁଲ୍ ହେଇଥିଲା । ହେଥିର୍‌ଲାଗି ଆଏଜ୍ ସଞ୍ଜବେଲୁ ରାତି ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ ରହିଛେ ।

ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ସାମାଜିକ୍ ପ୍ରଗତିକେ ଆଗ୍‌କେ ନେବାର୍ ଲାଗି ଗୁଟେ ଭିନ୍ନକ୍ଷମ-ଅନ୍ତର୍ଭୁକ୍ତିକରଣ ସମାଜ୍‌କେ ତହଁକାବାର୍’ ବାର୍ତା ନେଇକରି ଆଏଜ୍ ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ୍ ପାଳନ୍ କରାଯାଉଛେ । ଭିନ୍ନକ୍ଷମ ଲୋକ୍‌ମାନ୍‌କର୍ ବିକାଶ୍, ଉନ୍ନତି, ସୁରକ୍ଷା, ଆର୍ ସମାଜ୍ ନ ସେମାନ୍‌କୁ ସମାନ୍ ସୁବିଧା ଦେବାର୍ ଲାଗି ୧୯୯୨ ମସିହାନୁ ମିଲିତ୍ ଜାତିସଂଘ ତର୍‌ଫୁ ଫି ବଛର୍ ଡିସେମ୍ବର ୩ ତାରିଖ୍ ଦିନ ଇ ଦିବସ୍ ପାଳନ୍ କରାଯାଉଛେ ।

ରାଜ୍ୟ ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଗଲା ୧ ତାରିଖ୍‌ନୁ ମୁଲ୍ ହେଇଥିବା ୩ ଦିନିଆ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍ ସମାରୋହ ଆଏଜ୍ ଉଦ୍‌ଯାପିତ୍ ହେଉଛେ । ସୋଆ ବିଶ୍ୱବିଦ୍ୟାଳୟ ପରିସର ନ ହଉଥିବା ସମାରୋହଥି ଆଉ କିଛି ସମିଆ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେବେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବିଭାଗର୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହେତେ ଅଲ୍‌ଗାମାନେ ଭିଲ୍ ଉପସ୍ଥିତ ରହେବେ ।

ଭିନ୍ନକ୍ଷମ ଦିବସ୍-ଜିଲ୍ଲା ଦେବ୍‌ଗଡ଼୍/ ବୌଦ୍ଧ/ ବର୍‌ଗଡ଼୍

ଦେବ୍‌ଗଡ଼୍ ଜିଲ୍ଲା ସାମାଜିକ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ସଚେତନତା ରେଲିକେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଆଉ ଉପଜିଲ୍ଲାପାଲ୍ ପରିକ୍ଷୀତ ସାହୁ ଶୁଭାରମ୍ଭ କରିଥିଲେ । ତାର୍‌ଉତ୍‌ରୁ ଦିବ୍ୟାଙ୍ଗ ମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯାଇଥିଲା । ଇ ଅବ୍‌ସରେ ଦିବ୍ୟାଙ୍ଗ ମାନ୍‌କୁ ଭତା ସହେତେ ଭିନ୍ ଭିନ୍ ସର୍‌କାରୀ ସାହାଜ୍ ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ମର୍ଜାକୁଦ ନ ହେଇଥିବା ଜିଲ୍ଲାସ୍ତରୀୟ ଭିନ୍ନକ୍ଷମ ଦିବସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଦିବ୍ୟାଙ୍ଗ ମାନ୍‌କୁ ଭତା ସହେତେ ଭିନ୍ ଭିନ୍ ସାହାଜ୍ ଦିଆଯାଇଥିଲା ।

ବର୍‌ଗଡ଼୍ ଯଦୁମଣି ଅଡିଟୋରିୟମ୍ ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭିନ୍ନକ୍ଷମ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍, ଆରକ୍ଷୀ ଅଧିକ୍ଷକ୍ ପ୍ରହଲ୍ଲାଦ୍ ସହାୟ ମୀନା, ଜିଲ୍ଲା ପରିଷଦ୍ ଅଧକ୍ଷା ମାନିନୀ ଭୋଇ ଆଉ ଅଲ୍‌ଗାମାନେ ଉପସ୍ଥିତ୍ ରହିକରି ଦିବ୍ୟାଙ୍ଗ ମାନ୍‌କୁ ମୁଖ୍ୟସ୍ରୋତଥି ସାମିଲ୍ କର୍‌ବାର୍ ଦିଗେ ସଭେ ମିଶିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଥିଲେ । ଇ ଅବ୍‌ସରେ ଆଏଜ୍ ସଖାଲେ ଗୁଟେ ସଚେତନତା ରେଲି ଭିଲ୍ ହେଇଥିଲା ।

ରେଡ଼କ୍ରସ୍ ତାଲିମ୍         ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ଧନ୍‌କଉଡ଼ା ଉଚ୍ଚବିଦ୍ୟାଳୟ ନ ରାଜ୍ୟସ୍ତରୀୟ ଜୁନିଅର୍ ରେଡ଼କ୍ରସ୍ କାଉନ୍‌ସିଲର୍ ତାଲିମ୍ ଶିବିର୍ ହେଇଯାଇଛେ । ଜିଲ୍ଲାର୍ ଜୁନିଅର୍ ରେଡ଼କ୍ରସ୍ ଅଧିକାରୀ ବିଶ୍ୱାମିତ୍ର ଦୀପ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଯୋଗ୍ ଦେଇଥିଲେ । ଶିବରର୍ ପହେଲା ଦିନେ ଧନ୍‌କଉଡ଼ା, ରେଙ୍ଗାଲି ଆଉ ବାମ୍‌ରା ବ୍ଲକ୍‌ର ଭିନ୍ ଭିନ୍ ଉଚ୍ଚବିଦ୍ୟାଳୟ ନୁ ୭୦ ଝନ୍ କାଉନ୍‌ସିଲର୍ ଯୋଗ୍ ଦେଇଥିଲେ ।

ଘୁମ୍‌ରା         କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଲାଲ୍‌ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ନ ଆଏବା ଜାନୁଆରୀ ୧୪ ନୁ ୧୬ ତାରିଖ୍‌ତକ୍ ଆଉ ଧର୍ମଗଡ଼୍ ନ ୧୫ ନୁ ୧୭ ତାରିଖ୍‌ତକ୍ କଲାହାଣ୍ଡି ମହୋତ୍ସବ୍- ଘୁମ୍‌ରା-୨୦୨୬ ପାଲନ୍ କରାଯିବା । ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ ।

ସୁବର୍ଣ୍ଣ ଲୋକ୍‌ମହୋତ୍ସବ୍        ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ଆଏବା ୭ ତାରିଖ୍‌ନୁ ୧୧ ତାରିଖ୍‌ତକ୍ ସୁବର୍ଣ୍ଣ ଲୋକ୍‌ମହୋତ୍ସବ୍ ଆୟୋଜନ୍ କରାଯିବା । ମହୋତ୍ସବ ସାଂସ୍କୃତିକ୍ କମିଟିର୍ ବୈଠକ୍‌ଥି ଇ ବାବ୍‌ଦେ ନିଷ୍ପତି ନିଆଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଉଦ୍‌ଘାଟନୀ ଉତ୍ସବ୍ ଦିନ ଗୁଟେ ଥିଏଟର୍ ଶୋଭାଯାତ୍ରା ହେବା ।

ଖରିଫ୍ ଧାନ୍ ଘିନା        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ନିୟନ୍ତ୍ରିତ ବଜାର୍ କମିଟି ପରିସର୍ ନ ଆଏଜ୍ ଖରିଫ୍ ଧାନ୍ ଘିନା ମୁଲ୍ ହେଇଛେ । ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍ ମଣ୍ଡି ଉଦ୍‌ଘାଟନ୍ କରିକରି ଟୋକନ୍ ହିସାବେ ଧାନ୍ ଆନିକରି ବିକ୍ରି ପ୍ରକ୍ରିୟାଥି ସହଯୋଗ୍ କର୍‌ବାର୍‌କେ ଚାଷୀମାନ୍‌କୁ ନିବେଦନ୍ କରିଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ୨ ଦିନ୍ ଉତ୍ରୁ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ କମିକରି ଶୀତ୍ ଫେର୍ ବଢ଼୍ବା । ଆଏଜ୍ ରାତିର୍ ବଡ଼ଭାଗୀ ଜାଗା ନ ତାପମାତ୍ରା ୧୨ ନୁ ୧୫ ଡିଗ୍ରୀ ଉପ୍ରେ ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।

ଆଏବା କାଏଲ୍ ରାଜ୍ୟର୍ ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, କଳାହାଣ୍ଡି, ବଲାଙ୍ଗିର୍, ସୁବର୍ଣ୍ଣପୁର୍, କନ୍ଧମାଳ, କୋରାପୁଟ୍ ନ ବହଲିଆ କୁହୁଡ଼ି ଦେଖାଯିବା ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।